ଧରିତ୍ରୀ
DHARITRI
ଗୁରୁବାର, ୨୪ ମାର୍ଚ୍ଚ, ୨୦୨୨



# ୪ ପୌରାଞ୍ଚଳର ୪୧ ଅଧ୍ୟକ୍ଷ, ୩୩୪ କାଉନ୍‌ସିଲର ପ୍ରାର୍ଥୀଙ୍କ ହେବ ଭାଗ୍ୟ ନିର୍ଦ୍ଧାରଣ

## ଆଜି ପୌରାଞ୍ଚଳ ଭୋଟ

**କୋରାପୁଟ/ଜୟପୁର, ୨୩।୩(ସ୍ୱ.ପ୍ର./ନି.ପ୍ର.)**

ଗୁରୁବାର ହେବାକୁ ଯାଉଛି ପୌର ନିର୍ବାଚନ। ସେନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜିଲାପାଳ ଅବଦାଲ ଏମ୍‌. ଅଖତାର କହିଛନ୍ତି। ଜିଲାର ଜୟପୁର ମ୍ୟୁନିସିପାଲିଟି, କୋରାପୁଟ ମ୍ୟୁନିସିପାଲିଟି, ସୁନାବେଡ଼ା ମ୍ୟୁନିସିପାଲିଟି ଏବଂ କୋଟପାଡ ଏନ୍‌ଏସିରେ ଏହି ନିର୍ବାଚନ ହେବ । ମତଦାତାମାନେ ଭୋଟ ଦେଇ ଜିଲାର ୪ ପୌରାଞ୍ଚଳର ୪୧ ଅଧ୍ୟକ୍ଷ ପ୍ରାର୍ଥୀ ଓ ୩୩୪ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ନିରୂପଣ କରିବେ । ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରାଇବାକୁ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ତ୍ୱାବଧାନରେ ୩ ଜଣ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ନିର୍ବାଚନ ପରିଚାଳନା କରାଯିବ । ଏହି ୪ ପୌରାଞ୍ଚଳର ଥାନାଗୁଡିକ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ କରାଯିବା ସହ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ଅତିରିକ୍ତ ଏସ୍‌ପି ଉତ୍କଳ କିଶୋର ଦାସ କହିଛନ୍ତି। ଉକ୍ତ ଅଞ୍ଚଳଗୁଡିକରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡିକ ପ୍ରତି ବିଶେଷ ଦୃଷ୍ଟି ରଖାଯାଇଛି। କୋରାପୁଟ ମ୍ୟୁନିସିପାଲିଟିର ୨୧ ୱାର୍ଡ ପାଇଁ ୩୨ ହଜାର ୮୭୫ ଜଣ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରି ୪ ଅଧ୍ୟକ୍ଷ ଓ ୮୦ କାଉନସିଲର ପ୍ରାର୍ଥୀଙ୍କୁ ବାଛିବେ। ସେହିପରି ଜୟପୁର ମ୍ୟୁନିସିପାଲିଟିର ମତଦାତାମାନେ ୧୮ ଅଧ୍ୟକ୍ଷ ଓ ୧୧୮ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ନିରୂପଣ କରିବେ। ସୁନାବେଡ଼ା ମ୍ୟୁନିସିପାଲିଟିର ମତଦାତା ୧୪ ଜଣ ଅଧ୍ୟକ୍ଷ ଓ ୯୩ କାଉନସିଲର ପ୍ରାର୍ଥୀ ଏବଂ କୋଟପାଡ ଏନ୍‌ଏସିରେ ଥିବା ମତଦାତାମାନେ ୫ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ଓ ୪୩ ଜଣ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ସେହିପରି ଜୟପୁର ବିକ୍ରମଦେବ କଲେଜରେ ଭୋଟଦାନ କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ଇଭିଏମ୍‌, ନିର୍ବାଚନ କାଗଜପତ୍ର ଧରି ପହଞ୍ଚିଛନ୍ତି । ଜୟପୁରର ୨୮ଟି ୱାର୍ଡ ପାଇଁ କାଉନସିଲର ଓ ଅଧ୍ୟକ୍ଷ ପଦରେ ନିର୍ବାଚନ ହେବ । ଏଥିପାଇଁ ୬୬ଟି ଭୋଟ ଦାନ କେନ୍ଦ୍ର କରାଯାଇଛି। ମହିଳା ୩୨ ହଜାର ୧୮୪, ପୁରୁଷ ୩୦ ହଜାର ୯୮୫ ଓ ଅନ୍ୟାନ୍ୟ ୨୩ ଭୋଟର ଏପରି ମୋଟ ୬୩ ହଜାର ୧୯୨ ଜଣ ଭୋଟ ଦେବେ । ୬୬ଟି ବୁଥ୍‌ରୁ ୩ଟି ପିଙ୍କ୍ ବୁଥ୍, ୪ଟି ମଡର୍ନ ବୁଥ୍ କରାଯାଇଛି। ୬୬ଟି କେନ୍ଦ୍ରରେ ମୋଟ ୧୯୮ ଇଭିଏମ୍ ଲାଗିବାକୁ ସ୍ଥିର ହୋଇଛି। ୭ ଜଣ ସେକ୍ଟର ଅଫିସର ନିଯୁକ୍ତି ହୋଇଥିବା ବେଳେ ଜଣେ ସେକ୍ଟର ଅଫିସର ଅଧୀନରେ ୧୦ଟି ବୁଥ୍ ରହିଛି । ୩୩୦ କର୍ମଚାରୀ ପରିଚାଳନା ଲାଗି ନିୟୋଜିତ ହୋଇଥିବା ବେଳେ ୪୬ଟି କେନ୍ଦ୍ର ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ରହିଛି । ସହର ପ୍ରବେଶ ପଥରେ ନାକା କରାଯାଇ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି। ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର ପ୍ରମୁଖ କଲେଜରେ ଉପସ୍ଥିତ ରହି ତଦାରଖ କରୁଛନ୍ତି ।

## ସଂକ୍ଷେପରେ

### ଭଗତ ସିଂହଙ୍କ ଜୀବନୀ ପାଠ୍ୟକ୍ରମରେ ରହୁ



**ଜୟପୁର,୨୩।୩ (ନି.ପ୍ର.):**ଶହୀଦ ଭଗତ ସିଂହ,ସୁଖଦେବ ଓ ରାଜଗୁରୁଙ୍କ ୯୧ ତମ ଶହୀଦ ଦିବସ ଜୟପୁର ଶ୍ରମିକ କର୍ମଚାରୀ ଭବନଠାରେ ବୁଧବାର ପାଳିତ ହୋଇଯାଇଛି। ଏହି ତିନି ତରୁଣ ବିପ୍ଳବୀଙ୍କ ଦେଶମାତୃକା ଓ ମଣିଷ ସମାଜ ପ୍ରତି ତ୍ୟାଗ ଓ ବଳିଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ଅତିଥି ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ,ଉତ୍ତମ ମଲ୍ଲିକ, ସତ୍ୟବ୍ରତ ନନ୍ଦ, ବିମଳ ପଟ୍ଟନାୟକ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଭଗତ ସିଂହ ୧୮ ବର୍ଷ ବୟସରୁ ସଙ୍ଗଠନ କରି ନେତୃତ୍ୱ ନେଉଥିଲେ । ସେ ରୁଷ ବିପ୍ଳବ ଓ ମହାନ୍ ଜନନେତା ଲେନିନ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କର ଇନ୍‌-କି-ଲାବ ଜିନ୍ଦାବାଦ ସ୍ଲୋଗାନ ଯୁଗ ଯୁଗ ଧରି ଦଳିତ ନିଷ୍ପେଷିତ, ଶ୍ରମଜୀବୀ ମହିଳା ପୁରୁଷଙ୍କୁ ନିଜର ହକ୍ ଆଉ ଅଧିକାର ସାବ୍ୟସ୍ତ ପାଇଁ ପ୍ରେରଣା ଦେଇଚାଲିଥିବ ବୋଲି ସେମାନେ ପ୍ରକାଶ କରିଥିଲେ। ସୁଖଦେବ ଓ ରାଜଗୁରଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରି ଭଗତ ସିଂହଙ୍କ ଜୀବନ ଆଧାରିତ ବିଷୟବସ୍ତୁ ପାଠ୍ୟକ୍ରମରେ ରଖିବାକୁ ଅତିଥିମାନେ ଦାବି କରିଥିଲେ।

### ଇ- ଲାଇବ୍ରେରି ଉଦ୍‌ଘାଟିତ

ମାଲକାନଗିରି, ୨୩।୩(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହାକୁମାସ୍ଥିତ ଜିଲା କୋର୍ଟ ପରିସରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍‌. ମୁରଲିଧରଙ୍କ ଦ୍ୱାରା ମଙ୍ଗଳବାର ଇ- ଲାଇବ୍ରେରି ଉଦ୍‌ଘାଟିତ ହୋଇଯାଇଛି । ଏହା ଆଇନଜୀବୀମାନଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଉଦ୍‌ଘାଟନ ଅବସରରେ ମାଲକାନଗିରି ଜିଲା କୋର୍ଟର ମୁଖ୍ୟ ବିଚାରପତି ଓ ଜିଲା ବାର୍ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### କୋଭିଡ୍ ହସ୍‌ପିଟାଲ ପରିସରରେ ନିଆଁ



ଜୟପୁର, ୨୩।୩ (ନି.ପ୍ର.): ଜୟପୁର କୋଭିଡ୍ ହସ୍‌ପିଟାଲା ପରିସରରେ ବୁଧବାର ନିଆଁ ଲାଗିଛି । ହସ୍‌ପିଟାଲ ପରିସରରରେ ଥିବା ପୁରୁଣା ଚକ୍ଷୁ ବିଭାଗ ନିକଟରେ ଥିବା ସବୁ ପୁରୁଣା ଗଛରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଖବରପାଇ ଜୟପୁର ଦମକଳ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳିତ



**ରାୟଗଡ଼ା ଅଫିସ,୨୩।୩:** ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଗୁରୁବାର ପାଳିତ ହୋଇଯାଇଛି ଏହି ଉପଲକ୍ଷେ ରାୟଗଡ଼ା ଜିଲା ସଂସ୍କୃତି ଭବନ ପରିସରରେ ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଇଂରେଜ ଶାସନ ବିରୁଦ୍ଧରେ ସମଗ୍ର ଦେଶରେ ଅସହଯୋଗ ଆନ୍ଦୋଳନ କରି ସଂଗ୍ରାମ କରୁଥିବାବେଳେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଅନୁରୋଧରେ ୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧିଜୀ ପ୍ରଥମେ ଓଡ଼ିଶା ଆସିଥିଲେ। ସେହି ସ୍ମୃତିରେ ଏହି ଦିବସ ସ୍ମରଣୀୟ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ସାମୁହିକ କାର୍ଯ୍ୟକ୍ରମରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ, ଜିଲା କ୍ରୀଡ଼ା ଅଧିକାରୀ ଶେଖ୍ ଅଲନୁର, ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ତରିଆ କୁଲୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସଂସ୍କୃତି ଅଧିକାରୀ କୁମାରି ସସ୍ମିତା ବାଉରି, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ କାର୍ଯ୍ୟାଳୟର ପର୍ଯ୍ୟବେକ୍ଷକ ପୀତବାସ ବିଶ୍ୱାଳ, ରାମଚନ୍ଦ୍ର ପାତ୍ର, ରାଜେନ୍ଦ୍ର ଦୋରା, ଶ୍ରୀକାନ୍ତ ବିଶାଳ, କାହ୍ନୁଚରଣ ପ୍ରଧାନ ଉପସ୍ଥିତ ଥିଲେ।

# ମାଲକାନଗିରି: ବୁଥ୍‌ମୁହାଁ ପୋଲିଂ ପାର୍ଟି



ପୋଲିଂ ପାର୍ଟି ବୁଥ୍‌କୁ ଯିବା ପୂର୍ବରୁ ଜିଲାପାଳ ଓ ଉପଜିଲାପାଳ ଆଲୋଚନା କରୁଛନ୍ତି।

**ମାଲକାନଗିରି,୨୩।୩(ଡି.ଏନ.ଏ.)**

ମାଲକାନଗିରି ପୌର ପରିଷଦ ପାଇଁ ଗୁରୁବାର ମତଦାନ ହେବ । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପୌର ପରିଷଦର ୧୯ଟି ୱାର୍ଡ ପାଇଁ ୨୯ଟି ବୁଥ୍ କରାଯାଇଛି । ତନ୍ମଧ୍ୟରୁ ୩ଟି ପିଙ୍କ୍ ବୁଥ୍ ଓ ୫ଟି ଆଦର୍ଶ ବୁଥ୍ ରହିଛି । ଏଥିପାଇଁ ୧୪୫ ଜଣ ପୋଲିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ୨୫୫୩୯ ଜଣ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସକାଳୁ ପୋଲିଂ ଅଧିକାରୀମାନେ ନିର୍ବାଚନ କାର୍ଯ୍ୟାଳୟରୁ ଇଭିଏମ୍ ସହ ଆବଶ୍ୟକ କାଗଜପତ୍ର ଧରି ବୁଥ୍‌କୁ ଯାଇଛନ୍ତି । ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ମଧ୍ୟ ହୋଇଥିବା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ କହିଛନ୍ତି । ସେହିପରି ବାଲିମେଳା ଏନ୍‌ଏସିରେ ପୌର ନିର୍ବାଚନ ସକାଶେ ୭ଟି ସ୍ଥାନରେ ୧୨ଟି ବୁଥ୍ ପ୍ରତିଷ୍ଠା ହୋଇଛି । ଏଥିରୁ ୧ ନମ୍ବର ୱାର୍ଡ ବୁଥ୍‌ଟି ଆଦର୍ଶ ବୁଥ୍ କରାଯାଇଥିବା ବେଳେ ୭ ନମ୍ବର ୱାର୍ଡର ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଛି । ବୁଥ୍ ପରିଚାଳନା ନିମନ୍ତେ ୭୦ ଜଣ ନିୟୋଜିତ ହୋଇଛନ୍ତି। ୩ ଜଣ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବାଲିମେଳା ଏନ୍‌ଏସିରେ ୮୪୯୭ ଭୋଟର ଥିବା ବେଳେ ସୁରୁଖୁରୁରେ ମତଦାନ ପାଇଁ ସମସ୍ତ ପଦକ୍ଷେପ ନିଆଯାଇଥିବା ଏନ୍‌ଏସି ଅଧିକାରୀ କୃଷ୍ଣଚନ୍ଦ୍ର ରଥ ପ୍ରକାଶ କରିଛନ୍ତି ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶହୀଦ ଦିବସ ପାଳିତ

**କୋରାପୁଟ,୨୩।୩(ସ୍ୱ.ପ୍ର.)**

କୋରାପୁଟସ୍ଥିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବୁଧବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୪ଟି ବ୍ଲକରୁ ପ୍ରାୟ ୭୦ ଯୁବକ ସାମିଲ ହୋଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ରୂପେ କବି ଜଳଧର ସ୍ୱାଇଁ, ଆଇନଜୀବୀ କେଦାର ସେନାପତି ଓ ରମେଶ ପ୍ରସାଦ, ସୁଶ୍ରୀ ଦୀପ୍ତିରେଖା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶହୀଦ ଭଗତ ସିଂ, ଶୁଖଦେବ ଓ ରାଜଗୁରୁଙ୍କ ଦେଶପ୍ରେମ ଓ ବଳିଦାନ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ । ଆଜିର ଯୁବସମାଜ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ ।

## ସ୍କୁଟି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ଗୋପାଳପୁର,୨୩।୩(ଡି.ଏନ.ଏ.)**

ଗୋପାଳପୁର ଥାନା ଅନ୍ତର୍ଗତ ବୁଧବାର ଆମ୍ବପୁଆ ନିକଟରେ ସ୍କୁଟି ଧକ୍କାରେ ଚମାଖଣ୍ଡି ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ର ନଗରର ଭାଗ୍ୟଲତା ଶତପଥୀ (୭୦)ଙ୍କ ମୃତ୍ୟୁ ଘଟିଛି। ସେ ଓ ତାଙ୍କ ପୁଅ ଅଶୋକ କୁମାର ମିଶି ସ୍କୁଟିରେ ବ୍ରହ୍ମପୁର କୌଣସି କାମନେଇ ଆସିଥିଲେ। କାର୍ଯ୍ୟସାରି ଗ୍ରାମକୁ ସ୍କୁଟିରେ ଫେରୁଥିବା ବେଳେ ଆମ୍ବପୁଆ ଛକ ନିକଟରେ ପଛପଟୁ ଏକ ସ୍କୁଟି ଆସି ଭାଗ୍ୟଲତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ପଛପଟୁ ଧକ୍କା ଦେଇଥିବା ସ୍କୁଟି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ଓ ସ୍ଥାନୀୟ ଲୋକ ଭାଗ୍ୟଲତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭାଗ୍ୟଲତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଶୋକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୯/୨୨ରେ ମାମଲା ରୁଜୁ କରିଛି। ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

# ନବ ନିର୍ବାଚିତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ

## ମାଲକାନଗିରି ଜିଲା



ନିରଞ୍ଜନ ହାଲ୍‌ଦାର
ମାଲକାନଗିରି



ମାନସିକ ପଡିଆମି
କୋରୁକୋଣ୍ଡା



ପଦ୍ମଲାଭ ଡାମି
ଚିତ୍ରକୋଣ୍ଡା



ଲକ୍ଷ୍ମୀଧର ମାଡକାମି
କାଲିମେଳା

## କୋରାପୁଟ ଜିଲା



ଶିବ ଗୋଲରି
କୋରାପୁଟ



ଶିବା ବାଙ୍ଗାରି
ସେମିଳିଗୁଡା



ଗଣେଶ ପ୍ରସାଦ ପାଢ଼ୀ
ଜୟପୁର



ତରଣୀସେନ ବିଶୋୟୀ
କୁନ୍ଦୁରା



ତ୍ରିନାଥ କଟା
ପଟ୍ଟାଙ୍ଗୀ



ରିନୁ ଦାସ
ନାରାୟଣପାଟଣା



ଅରୁଣ ଚେଟ୍ଟୀ
ଦଶମନ୍ତପୁର



ପୂର୍ଣ୍ଣିମା ବାରିକ
ବୈପାରୀଗୁଡା



ବାବୁଲି ପାଣିଗ୍ରାହୀ
କୋଟପାଡ



ଗୋପାଳ ହନ୍ତାଳ
ନନ୍ଦପୁର

# ମା' ମାଉଳିଙ୍କ ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ



ଯାତ୍ରା ପାଇଁ ହୋଇଥିବା ପ୍ରସ୍ତୁତି।

**କୋରୁକୋଣ୍ଡା,୨୩।୩(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ହେବାକୁଥିବା ମାଉଳିମା'ଙ୍କ ବଡଯାତ୍ରା ପାଇଁ ରହିଛି ଆଉ ମାତ୍ର ୨ଦିନ। ଏନେଇ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ପ୍ରତି ଦୁଇ ବର୍ଷରେ ଥରେ ଏହି ଯାତ୍ରା ହୋଇଥାଏ। ଜିଲା ସମେତ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ୨୫ତାରିଖ ପ୍ରାତଃରେ ପାହାଡ ପାଦଦେଶରେ ମା'ଙ୍କ ପୂଜାର୍ଚ୍ଚନା,ସନ୍ଧ୍ୟାରେ ମା'ଙ୍କ ପ୍ରତିମା ସ୍ଥାପନା କାର୍ଯ୍ୟକ୍ରମ ହେବ। ୨୬ରେ ପ୍ରାଚୀନ ପୀଠରେ ଠାକୁରାଣୀଙ୍କ ଲାଠି ସହ ନିମନ୍ତ୍ରିତ ଦେବଦେବୀଙ୍କ ସମାଗମ ପୂଜାର୍ଚ୍ଚନା କରାଯିବ। ରାତି ୮ଟାରେ ମା' ପାଟପଟୁଆର ସହ ପୀଠରୁ ବାହାରି ମଣ୍ଡିଆଭଟା ଆସି ସେଠାରେ ରାତ୍ର ରହଣି କରିବେ। ୨୭ରେ ମଣ୍ଡିଆଭଟାରେ ପୂଜାର୍ଚ୍ଚନା କରାଯିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ରାତି ୭ଟାରେ ମା' ମଣ୍ଡିଆଭଟାରୁ ବାହାରି ସିଂହଦ୍ୱାର ଅଭିମୁଖେ ଯାଇ ସେଠାରେ ରାତି ରହଣି କରିବେ। ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ବୋଲି ପୂଜା କମିଟି ସଭାପତି କୈଳାସ ଦୋରା କହିଛନ୍ତି। ୨୮/୨୯ତାରିଖ ସିଂହଦ୍ୱାରରେ ମା' ଦିବାରାତ୍ରି ପୂଜା ପାଇବେ। ସେହିଦିନ ଭୋର ୪ଟାରେ ଯାତ୍ରା ଉଦ୍‌ଯାପନ ହେବ। ନିମନ୍ତ୍ରିତ ଦେବଦେବୀ ବିଦାୟ ନେବେ।

# ମୁଖ୍ୟ ଅଭିଯୁକ୍ତ ଯୁବକ ଗିରଫ

## ପଣସଗାଡ଼ିରୁ ଡକାୟତି ଘଟଣା

**କୋରାପୁଟ,୨୩।୩(ସ୍ୱ.ପ୍ର.)**

କୋରାପୁଟ ଟାଉନ ଥାନା ଅଞ୍ଚଳରେ ଏକ ପଣସଗାଡ଼ିରୁ ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ମୁନା ସୁନା (୩୨)ଙ୍କୁ କୋରାପୁଟ ଟାଉନ ଥାନା ପୋଲିସ ଗିରଫକରି କୋର୍ଟଚାଲାଣ କରିଛି। ତାଙ୍କ ଘର କୋରାପୁଟ ପୌରାଞ୍ଚଳ ଅନ୍ତର୍ଗତ ବଦଲିଗୁଡା ଗ୍ରାମରେ। ସେ ଗ୍ରାମର ଅର୍ଜୁନ ସୁନାଙ୍କ ପୁଅ ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

ଖବରରୁ ଜଣାପଡିଛି ଗତ ଫେବୃୟାରୀ ୨୮ ରାତିରେ ପାଡୁଆ ଅଞ୍ଚଳରୁ ପଣସ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ (ୟୁପି-୬୪-ଏଟି-୮୫୪୭) କୋରାପୁଟ ଦେଇ ଛତିଶଗଡ଼ ଯାଉଥିଲା ବେଳେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ କେତେଜଣ ଡକାୟତ ଗାଡି ଅଟକାଇ ରାୟଗଡା ରୋଡ୍‌ରେ ଥିବା ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଗାଡ଼ି କାଚ ଭାଙ୍ଗିବା ସହିତ ଡ୍ରାଇଭରଙ୍କୁ ମାଡମାରି ତାଙ୍କଠାରୁ ୫୩ ହଜାର ଟଙ୍କା ଲୁଟି ନେଇଥିଲେ । ଡ୍ରାଇଭର କୌଶଳକ୍ରମେ ଘଟଣାସ୍ଥଳରୁ ଖସି ପଳାଇବା ସହିତ ଗାଡି ମାଲିକ ଶେଖ୍ ରମଜାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗାଡ଼ି ମାଲିକ ରମଜାନ ଏ ନେଇ କୋରାପୁଟ ଟାଉନ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ୫୨/୨୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ସହକାରୀ ଥାନା ଅଧିକାରୀ ଏସ୍‌.ପି. ମାଝିଙ୍କ ନେତୃତ୍ୱରେ ଗଠିତ ଟିମ୍ ସହରରେ ଲାଗିଥିବା ବିଭିନ୍ନ ସିସିଟିଭି ରେକର୍ଡକୁ ଅନୁଧ୍ୟାନ କରି କୋରାପୁଟ ଅଞ୍ଚଳର ଗୋବିନ୍ଦ ସାଗର, ଭାସ୍କର ଚନ୍ଦ୍ର ଖରା ଓ ମଧୁ ବାଗ(୨୪)ଙ୍କୁ ସେତେବେଳେ ଗିରଫ କରିଥିଲା। ସେମାନଙ୍କଠାରୁ ଲୁଟ୍ ଭ୍ୟାନ, ୩ଟି ବାଇକ୍ , ଲୁହା ରଡ୍, ୨ଟି ମୋବାଇଲ ଫୋନ, ନଗଦ ୫୩୦୦ ଟଙ୍କା ଜବତକରି କୋର୍ଟଚାଲାଣ କରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ମୁନା ସୁନା ଫେରାର ଥିଲେ । ତାଙ୍କୁ ଜେରା କରିବା ପରେ ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ଦିଗାପୁର ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା

## କେନ୍ଦୁପୁଟ ଜଙ୍ଗଲରୁ ଆସିଲା ନୂଆ ଲାଠି

**କୁନ୍ଦୁରା,୨୩।୩(ଡି.ଏନ.ଏ.)**



ମା'ଙ୍କ ଲାଠିକୁ ଅଣାଯାଉଛି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତର ଖିଲପୁଟତୋଟାଠାରେ ଦୀର୍ଘ ୫୦୦ ବର୍ଷ ପୁରୁଣା ମା' ବୁଢ଼ୀ ଠାକୁରାଣୀଙ୍କ ଦୈବୀ ପୀଠ ରହିଛି। ଏବେ ମା'ଙ୍କ ଘଟଯାତ୍ରା ସମୟ। ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାରରେ ଏହି ପୀଠରେ ଘଟଯାତ୍ରା ହୋଇଥାଏ । ୨୦୧୭ରେ ଘଟଯାତ୍ରା ବେଳେ ମା'ଙ୍କ ଲାଠି ଭାଙ୍ଗି ଯାଇଥିଲା। ଚଳିତ ଘଟଯାତ୍ରାକୁ ଦୃଷ୍ଟିରେ ରଖି ମା'ଙ୍କ ପୂଜକ ଜାଇ ଶିରା, ଗୁରୁମାଇଁ, ହୁଣ୍ଡି ପୂଜାରୀ ଓ ଖିଲପୁଟ, ଦିଗାପୁର, ନୂଆଁଗୁଡା, କଦମଗୁଡା, ପ୍ରଧାନୀପୁଟର ଶତାଧିକ ଶ୍ରଦ୍ଧାଳୁ ମା'ବୈଜାରିଣୀଙ୍କ ଲାଠି ଆଣିବାକୁ ବୈପାରୀଗୁଡା ବ୍ଲକ କାଠପଡା ପଞ୍ଚାୟତର କେନ୍ଦୁପୁଟ ଗ୍ରାମ ନିକଟସ୍ଥ ପାହାଡ଼କୁ ଯାଇଥିଲେ। ପରମ୍ପରା ଅନୁସାରେ ପୂଜକଙ୍କୁ ମା' ସ୍ୱପ୍ନାଦେଶ ଦେବା ପରେ ଲାଠି ଆଣିବାକୁ ଗ୍ରାମବାସୀ ବାହାରିଥିଲେ। ମୁଖ୍ୟ ପୂଜକ ଓ ଗ୍ରାମ ମୁଖିଆଙ୍କ ସହଯୋଗରେ ପାର୍ବତରେ ଏକାଧିକ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଭୋଗ ଦେବା ପରେ ସିରା ଗୁରୁମାଇଁଙ୍କ ଦ୍ୱାରା ପୂଜା କରାଯାଇ ଲାଠି ପାଇଁ ଗଛ କଟାଯାଇଥିଲା। ସେହି ଲାଠିକୁ ପୂଜାର୍ଚ୍ଚନା କରି କେନ୍ଦୁପୁଟ ଗ୍ରାମହୁଣ୍ଡି ମନ୍ଦିରକୁ ଅଣାଯାଇଥିଲା। ସେଠାରେ ସମସ୍ତେ ଏକତ୍ରିତ ହୋଇ ଲାଠିକୁ ବିଦାୟ ଜଣାଇଥିଲେ। ନିୟମ ଅନୁସାରେ ଲାଠିକୁ କଟାଯାଇଥିବା ସତ୍ତ୍ୱେ କେନ୍ଦୁପୁଟ ଗ୍ରାମରୁ ବାହାରିବା ପରେ ରାସ୍ତାରେ ଯେତେ ଗ୍ରାମପଡେ ସେହି ଗ୍ରାମଗୁଡିକରେ ପୂଜାର୍ଚ୍ଚନା ହୋଇ ଲାଠିକୁ ମପାଯାଇ ବଢିଥିବା ଅଂଶ କଟାଯାଇଥିଲା। ଦିଗାପୁର ଆରମ୍ଭରେ ପ୍ରବାହିତ କଲାବନଦୀଠାରେ ଲାଠି ପୁଣି ମାପି ବଢିଥିବା ଅଂଶ କଟାଯିବା ପରେ ଲାଠି ଧୋଇ ନୂତନ ବାନା, ପିତଳ ଗୁବା ଚଢାଇବା ସହ ପୂଜାର୍ଚ୍ଚନା କରି ଦିଗାପୁର ମା'ବୁଢ଼ୀ ଠାକୁରାଣୀଙ୍କ ନିକଟକୁ ଅଣାଯାଇଥିଲା । ପରେ ଭାଙ୍ଗିଯାଇଥିବା ଲାଠିକୁ ନଦୀରେ ବିସର୍ଜନ କରାଯାଇଥିଲା । ବିଶ୍ୱାସ ରହିଛି ଯଦିଓ କୌଣସି କାରଣ ବଶତଃ ମା ଙ୍କର ଯାତ୍ରା ବନ୍ଦ ହୁଏ ତେବେ ଅଞ୍ଚଳରେ ଅନେକ ଅସୁବିଧା ଦେଖାଦିଏ।

# କାଡାପଦରକୁ ହରାଇ ଗୋକୁଳମୁଣ୍ଡା ବିଜୟୀ

## ଟିକିରି ବନାଞ୍ଚଳ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ

**ଟିକିରି,୨୩।୩(ଡି.ଏନ୍‌.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ବନାଞ୍ଚଳ ପକ୍ଷରୁ ଗୁରୁବାର ଏକ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୃତ୍ତିକା ଓ ବନ ସଂରକ୍ଷଣ ନିମନ୍ତେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ଟିକିରି ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ, ଦିବ୍ୟା ମାଧୁରୀ ସେଠୀ ଏବଂ ରାୟଗଡ଼ା ବନାଞ୍ଚଳର ବରିଷ୍ଠ ଅଧିକରୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଶେଷରେ କାଡାପଦର ଏବଂ ଗୋକୁଳମୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲ। ଏଥିରେ ଗୋକୁଳମୁଣ୍ଡା ଟିମ୍ ବିଜୟୀ ହୋଇଛି।



ଟ୍ରଫି ସହ ଚାମ୍ପିୟନ ଦଳ।

**ବ୍ଲକସ୍ତରୀୟ ଗୋପାଳନ ଦକ୍ଷତା ବୃଦ୍ଧି ତାଲିମ**

ଝରିଗାଁ, (ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଆତ୍ମା କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଗୋପାଳନ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ଏବଂ ଡିଡି ଡିଭିଏଚ୍ ଡାକ୍ତର ରାଧେଶ୍ୟାମ ଲାଏକ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ଚାଷୀ କିପରି ଉନ୍ନତମାନର ଗୋପାଳନ କରି ସେମାନଙ୍କ ଆର୍ଥିକ ସ୍ଥିତି ମଜଭୁତ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଝରିଗାଁ ବିଭିଓ ଡାକ୍ତର ବିଶ୍ୱଜିତ ସ୍ୱାଇଁ, ଧୋତ୍ରା ଭିଏସ୍ ଡାକ୍ତର ରାଶ୍ମିକାନ୍ତ ପାଲଟାସିଂ, ବାଏଫ୍ ଜିଲା ସଂଯୋଜକ ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ୨୦ ଚାଷୀଙ୍କୁ ଗୋପାଳନ ସମ୍ପର୍କରେ ବୁଝାଇଥିଲେ। ତାଲିମ ଶିବିରଟିକୁ ସ୍ଥାନୀୟ ଏଭିଏସ୍ ଡାକ୍ତର ଶାରଦା ନାୟକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ପାଳିତ



**ନବରଙ୍ଗପୁର, ୨୩।୩(ବି.ପ୍ର.):** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ନବରଙ୍ଗପୁର ଜିଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସହରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିସହ ଜିଲା ସଂସ୍କୃତି ଭବନରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମଧ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିହାଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲା ସୂଚନା ଓ ଲୋକ ସମ୍ପର୍କ, ସଂସ୍କୃତି ବିଭାଗ କର୍ମଚାରୀ ଦିଲୀପ କୁମାର ମଲ୍ଲିକ, ରେଖା ପଟ୍ଟନାୟକ, ରାଜେନ୍ଦ୍ର ମାଝି, ସବିତା କର୍କରା, ନୀଳକଣ୍ଠ ନାୟକ, ସନ୍ତୋଷ କୁମାର ଉପସ୍ଥିତ ଥିଲେ।

### ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଶହୀଦ ଦିବସ

**ନବରଙ୍ଗପୁର, ୨୩।୩ (ବି.ପ୍ର.):** ନବରଙ୍ଗପୁର ଜିଲାର ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ମୋ କଲେଜ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂରାଜୀ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ମନ୍ମଥ କୁମାର ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ. ଅରବିନ୍ଦ କୁମାର ଓଝା ଏକ ବୃତ୍ତଚିତ୍ର ମାଧ୍ୟମରେ ଶହୀଦ ଦିବସର ବାର୍ତ୍ତା ପ୍ରଦାନ କରିଥଲେ। ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ଶହୀଦ ଦିବସ ପାଳନର ତାତ୍ପର୍ଯ୍ୟ ଓ ଛାତ୍ର ସମାଜର ଗୁରୁଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧାପକ ସୁମନ୍ତ ବାଘେଲ, ଶ୍ରାବଣ କୁମାର ପୂଜାରୀ, ସୁଲୋଚନା ନାୟକ ଓ କରିସ୍ମା ମହୁକା ତଥା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯକ୍ରମ ଶେଷ ପର୍ଯ୍ୟାୟରେ ଏନ୍‌ଏସ୍‌ଏସ୍ ବଗିଚାରେ ଫୁଲ ଚାରା ରୋପଣ କରାଯାଇଥିଲା।

### ଦାୟିତ୍ୱ ନେଲେ କୋଇଲାରୀ ସରପଞ୍ଚ

**ଡାବୁଗାଁ, ୨୩।୩ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ ଗ୍ରାମ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ଚନ୍ଦ୍ରୀ ଭତ୍ରା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସମର୍ଥକମାନେ ପଟୁଆରରେ ସାପୟ ଓ ଅନ୍ୟ ନିର୍ବାଚିତ ଅଧିକାରୀଙ୍କୁ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚାଇ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଅର୍ଜ୍ଜୁନ ଭତ୍ରା ସରପଞ୍ଚ ଚନ୍ଦ୍ରୀ ଭତ୍ରାଙ୍କୁ ପୁଷ୍ପ ମାଲ୍ୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଡାବୁଗାଁ ବ୍ଲକ ସଭାପତି ଜି. ସାଇରାଜୁ, ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ମାଝି, ପ୍ରକାଶ ପଣ୍ଡା, ଆଶୁତୋଷ ଜେନା, କୋଇଲାରୀ ପଞ୍ଚାୟତ ସମିତି ସଭ୍ୟା ସନମତି ଭତ୍ରା, ନାଏବ ସରପଞ୍ଚ ମହେନ୍ଦ୍ରୀ ପୂଜାରୀ, ଭୈରବସିଂ ମାଝି, ମନୁ ଭତ୍ରା, ରାମସିଂ ମାଝି, ସୋମନାଥ ମାଝି, ଧନୁର୍ଜୟ ଜାନୀ, ନିଧି ମାଝି ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# ସ୍କାଉଟ୍ ଗାଇଡ୍ ତାଲିମ ସ୍ୱଇଚ୍ଛାରେ ଅନ୍ୟଙ୍କୁ ସହଯୋଗ କରିବାକୁ ପ୍ରେରଣା ଦେବ

**ପାପଡାହାଣ୍ଡି, ୨୩।୩(ଡି.ଏନ୍.ଏ.)**



ଅତିଥିମାନେ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ଲାଲବାହାଦୁର ହାଇସ୍କୁଲରେ ବୁଧବାର ଜିଲାର ପ୍ରଥମ ଭାରତ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇଥିଲେ। ଜୀବନକୁ ସାମ୍ନା କରିବାକୁ ହେଲେ ଆମକୁ ବିଭିନ୍ନ କୌଶଳ ଆପଣାଇବାକୁ ପଡିବ ବୋଲି ସେ କହିଥିଲେ। ଜୀବନ ବଞ୍ଚାଇବାରେ ସ୍କାଉଟ୍ସ ଓ ଗାଇଡ୍ସ ତାଲିମର ଆବଶ୍ୟକତା ରହିଛି। ବର୍ତ୍ତମାନ ପାଠପଢ଼ା ସାଙ୍ଗକୁ ଛାତ୍ରୀଛାତ୍ରମାନଙ୍କୁ ଯେଉଁ କୌଶଳ ଶିଖାଯାଉଛି ଆଗାମୀ ଦିନରେ ତାହା ବିପର୍ଯ୍ୟୟ ପରିଚାଳନାରେ ସହାୟକ ହେବ ବୋଲି ସେ କହିଥିଲେ। ଘରେ ଘରେ ବିପର୍ଯ୍ୟୟ ପରିଚାଳନା ଯୋଦ୍ଧା ତିଆରି କରିବା ଲାଗି ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ସେ କହିଛନ୍ତି। ଡିଇଓ ପ୍ରଦୀପ କୁମାର ନାଗ, ଏବିଡିଓ ବିଶ୍ୱନାଥ ସାହୁ, ରେଶମଲାଲ ନାୟକ, ବିଡିଓ ବୀରେନ୍ଦ୍ର କୁମାର ପାଢ଼ୀ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ଓ ଲିପିକା ଶତପଥୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସ୍କାଉଟ୍ସ ଓ ଗାଇଡ୍ସ ତାଲିମ ସେବା ମନୋବୃତ୍ତି ସହ ସ୍ୱଇଚ୍ଛାରେ ଅନ୍ୟକୁ ସହଯୋଗ ଲାଗି ପ୍ରେରଣା ଦେବ ବୋଲି ଅତିଥିମାନେ କହିଥିଲେ। ୩ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରଥମ ଦିନରେ ସ୍କାଉଟ୍ସ ପତାକା ଉତ୍ତୋଳନ ସହ ମାର୍ଚ୍ଚ ପାଷ୍ଟ ହୋଇଥିଲା। ଜିଲାର ୩୪ଗୋଟି ବିଦ୍ୟାଳୟର ୨୨୯ଜଣ ସ୍କାଉଟ, ୮୪ଜଣ ଗାଇଡ୍ ଓ ୩୮ଜଣ ଶିକ୍ଷତ୍ରୀଶିକ୍ଷକ ଯୋଗଦେଇଛନ୍ତି। ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ।

## ନବ ନିର୍ବାଚିତ ପଞ୍ଚାୟତ ସମିତି ଉପାଧକ୍ଷ

### ନବରଙ୍ଗପୁର ଜିଲା


ଶ୍ୟାମଲ ସରକାର
ଉମରକୋଟ


ସଦାନନ୍ଦ ନାୟକ
ଡାବୁଗାଁ


ସୁଶାନ୍ତ କୁମାର ବେହେରା
ପାପଡ଼ାହାଣ୍ଡି


ନନ୍ଦିନୀ ସମରଥ
ନବରଙ୍ଗପୁର


ଯୋଗେନ୍ଦ୍ର ସ୍ୱାଇଁ
କୋଷାଗୁମୁଡ଼ା


ଗୁପ୍ତ ପ୍ରସାଦ ଝାଙ୍କର
ରାଇଘର


ମନଦୀ ମାଝି
ଝରିଗାଁ


ବାସୁଦେବ ଗୌଡ଼
ଚନ୍ଦାହାଣ୍ଡି


ସଦନ ଗୌଡ଼
ନନ୍ଦାହାଣ୍ଡି


ରାଜେନ୍ଦ୍ର ବିଷୋୟୀ
ତେନ୍ତୁଳିଖୁଣ୍ଟି

### ରାୟଗଡ଼ା ଜିଲା


ହର ପ୍ରସାଦ ହେପୃକା
ରାୟଗଡ଼ା


ସୁଦର୍ଶନ ଶବର
ଗୁଣପୁର


କୁନି କୁମାରୀ ନାଏକ
କାଶୀପୁର


ଦେବୀ ପ୍ରସାଦ ପଟ୍ଟନାୟକ
ବିଷମକଟକ


ଜାନକୀ ନିମାଲା
ରାମନାଗୁଡା


ରମେଶ ଚନ୍ଦ୍ର ସାହୁ
ପଦ୍ମପୁର


ବିଶ୍ୱନାଥ ଶବର
ଗୁଡାରୀ


ହଳଧର ହିମିରିକା
କୋଲନରା


ଆଦର୍ଶ କୌଶଲ୍ୟା
ମୁନିଗୁଡା


ମାଳତି ମାଳବିଷୋୟୀ
ଚନ୍ଦ୍ରପୁର


ଡମ୍ବରୁ କାଞ୍ଚାକା
କଲ୍ୟାଣସିଂହପୁର

# ଅଧିକ ଅମଳ, ଜଳ ସଞ୍ଚୟରେ ବୁନ୍ଦା, ସିଞ୍ଚନ ପ୍ରଣାଳୀ ସହଯୋଗୀ


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନେ।

**ନବରଙ୍ଗପୁର, ୨୩।୩(ବି.ପ୍ର.)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୁଟିଗୁଡ଼ା ଗ୍ରାମରେ ସ୍ୱଳ୍ପ ଜଳ ପ୍ରୟୋଗରେ ଅଧିକ ଉତ୍ପାଦନ ଦେଉଥିବା ବୁନ୍ଦା ଓ ସିଞ୍ଚନ ଜଳସେଚନ ଉପରେ ଏକ ପ୍ରାକ୍ଟିକାଲ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱର ଶାଖା ପକ୍ଷରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପ୍ରାୟୋଜିତ ବିଜ୍ଞାନ ଓ ପ୍ରଦ୍ୟୁତିକ ପରିଯୋଜନା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ବୁନ୍ଦା ଓ ସିଞ୍ଚନ ଜଳସେଚନ ପ୍ରଣାଳୀ ଦ୍ୱାରା ଚାଷୀମାନେ ୪୦ ପ୍ରତିଶତ ଜଳ ସଞ୍ଚୟ କରିପାରିବେ। ଅଣ ଜଳସେଚିତ କ୍ଷେତ୍ରରେ ମୌସୁମୀ ଋତୁରେ ବର୍ଷାଜଳ ସଂରକ୍ଷଣ ଓ ରବିଋତୁରେ ବୁନ୍ଦା, ସିଞ୍ଚନ ପଦ୍ଧତି ଆପଣେଇ ଚାଷୀମାନେ ପନିପରିବା ଚାଷରୁ ଅଧିକ ଆୟ କରିପାରୁଛନ୍ତି। ବର୍ଷାଜଳ ସଂରକ୍ଷଣ ପାଇଁ ପୋଖରୀ ଖନନ, ହୁଡାରେ ଅଧିକ ଅମଳକ୍ଷମ ଅମୃତଭଣ୍ଡା ଚାଷ, ସଞ୍ଚୟ ଜଳରେ ମାଛଚାଷ, ରୂପାନ୍ତରିତ ଭୂମିରେ ବର୍ଷାଦିନେ ଧାନଜମିରେ ଝୁଡ଼ଙ୍ଗ ଚାଷ, ବର୍ଷାରୁ ସଞ୍ଚିତ ଜଳରୁ ଶୀତଦିନେ କୋବି, ଟମାଟୋ, ପିଆଜ, ରସୁଣ ଆଦି ଫସଲ ଚାଷ ପାଇଁ ବ୍ୟବହାର କରାଯାଇପାରିବ। ଏହି ମଡେଲ ଦ୍ୱାରା ବର୍ଷକୁ ଚାଷୀ ଏକ ହେକ୍ଟର ଜମିରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରୁଛନ୍ତି। ସବୁ ଚାଷୀ ରବିଋତୁରେ ଜଳ ସଞ୍ଚୟ କରି ଫସଲ କରିବା ଜରୁରୀ ବୋଲି ଜଳ ଅମଳ ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମୀଧର ଜେନା କହିଥିଲେ। ନୂଆ ମଡେଲକୁ ଚାଷୀ ଆପଣାଇ ଲାଭବାନ ହେବାକୁ ବିଜ୍ଞାନ ପ୍ରଚାରକ ଓ ସଂଯୋଜକ ଲକ୍ଷ୍ମୀନାରାୟଣ ବକ୍ସି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୨ଶହ ଚାଷୀ ଉପସ୍ଥିତ ଥିଲେ। ଦିନେଶ ସାହୁ, ବିଭୁ ଭୂଷଣ ବ୍ରହ୍ମା, କମଳେଶ ସାହୁ, ଚିତ୍ରସେନ ମାଝି, ସମୀର ପ୍ରଧାନ, ସୁଧାଂଶୁ ଖୋସ୍‌ଲା, ପ୍ରକାଶ ପରିଡା, ମୋହିରାଜ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ।

## ଯୁବକଙ୍କ ଆତ୍ମହତ୍ୟା

**ଡାବୁଗାଁ, ୨୩।୩ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଡ଼ଙ୍ଗରିଗୁଡା ଗ୍ରାମରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗାଁର ମଙ୍ଗନାଥ ମାଝି (୨୭)। ମଙ୍ଗଳବାର ସକାଳୁ ମଙ୍ଗନାଥ ଘରୁ ବାହାରି ଯାଇ ଗ୍ରାମ ନିକଟ କାଜୁ ବଗିଚା ମଧ୍ୟରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ଅପରାହ୍ନରେ ପିଲାମାନେ ସେଠାରେ ଖେଳିବାବେଳେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମଙ୍ଗଳବାର ରାତିରେ ମୃତକଙ୍କ ସାନ ଭାଇ କୁମର ମାଝି ଡାବୁଗାଁ ଥାନାରେ ଘଟଣାସମ୍ପର୍କରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ବୁଧବାର ସକାଳୁ ଥାନା ଏଏସ୍‌ଆଇ ଶିଶିରକାନ୍ତ ଘୋଷ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପଦ୍ମପୁରର ପ୍ରସିଦ୍ଧ ଦୋଳଯାତ୍ରା ଉଦ୍‌ଯାପିତ

### ସୁନାମଧନ୍ୟ କଳାକାର ସନ୍ତୋଷ ସମ୍ମାନିତ

**ପଦ୍ମପୁର, ୨୩।୩(ଡି.ଏନ୍.ଏ.)**


ଯାତ୍ରା କମିଟି ପକ୍ଷରୁ ସନ୍ତୋଷଙ୍କୁ ସମ୍ମାନିତ କରାଯାଉଛି।

ରାୟଗଡ଼ା ଜିଲା ପଦ୍ମପୁରଠାରେ ସପ୍ତାହ ବ୍ୟାପୀ ଚାଲିଥିବା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଦୋଳଯାତ୍ରା ସମ୍ପର୍ଣ୍ଣ ହୋଇଛି। ଏହି ଅବସରରେ ସ୍ଥାନୀୟ ପ୍ରାଚୀନ ଦୋଳଯାତ୍ରା ମେଳଣ ମଣ୍ଡପଠାରେ ଆଞ୍ଚଳିକ କଳାକାରମାନଙ୍କ ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଳାକାର ସନ୍ତୋଷ ପାଢ଼ୀଙ୍କୁ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ପଦ୍ମପୁର ଦୋଳଯାତ୍ରାରେ ସପ୍ତାହବ୍ୟାପୀ ବିଭିନ୍ନ ପୌରାଣିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ମୁଖ୍ୟ ବଂଶୀଧର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ରାଧାକୃଷ୍ଣ ଯୁଗଳ କିଶୋର ମହାପ୍ରଭୂଙ୍କ ଦୋଳ ମଣ୍ଡପରେ ପ୍ରଥମ ୨ଦିନ ଗାହାଣି ଓ ପରେ ଭାରତଲୀଳା ଏବଂ ପ୍ରହ୍ଲାଦ ନାଟକ ମଞ୍ଚସ୍ଥ ହୋଇଥିଲା। ଗ୍ରାମୀଣ ଆଞ୍ଚଳିକ କଳାକାର ଯଥା ପଦ୍ମପୁରର ରାଧାକୃଷ୍ଣ କଳା ପରିଷଦର ବିଶିଷ୍ଟ ମୃଦଙ୍ଗ ବାଦକ ନିରଞ୍ଜନ ପାଣିଗ୍ରାହୀ, ଗ୍ରାମର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟାଙ୍ଗନା ରୂପେ ନୃତ୍ୟ ପରିବେଷଣ କରୁଥିବା କଳାକାର ଉଦୟ ଚନ୍ଦ୍ର ବେହେରା, ପଦ୍ମପୁରର ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର କର ଏବଂ ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ସୁନାମଧନ୍ୟ ଗୁରୁ ତଥା ଭାରତଲୀଳା କଳାକାର ସନ୍ତୋଷଙ୍କୁ ସମ୍ମାନିତ କରାଯାଇଛି। ଯାତ୍ରା କମିଟି ପକ୍ଷରୁ ତାଙ୍କୁ ୧ହଜାର ଟଙ୍କା ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମହାନଳା ପାଟପୁର ଅଞ୍ଚଳର ସନ୍ତୋଷ ଓଡ଼ିଶା ଏବଂ ଓଡ଼ିଶା ବାହାରେ ନିଜ କଳା ପାଇଁ ଲୋକପ୍ରିୟ।

## ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ରାୟଗଡ଼ା ଅଫିସ, ୨୩।୩**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ନାବାଳିକା ସପ୍ତମ ଶ୍ରେଣୀରେ ପଢୁଥିବାବେଳେ କରୋନା ସମୟରେ ସ୍କୁଲ ଛୁଟି ଯୋଗୁ ଘରେ ରହୁଥିଲେ। ଏହାର ସୁଯୋଗ ନେଇ ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେବା ସହ ବଳାତ୍କାର କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ୨୦୨୧ ମାର୍ଚ୍ଚ ୩ରେ ଚାନ୍ଦିଲି ଥାନାରେ ଅଭିଯୋଗ ହୋଇଥିଲା। ୪୬/୨୧ ରେ ଏକ ମାମଲା ରୁଜୁ କରାଯାଇଥିଲା। ଚାନ୍ଦିଲି ଥାନା ଅଧିକାରୀ ବି. ମାନିଆ ତଦନ୍ତକରି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏଡିଜେ ଗଣେଶ୍ୱର ପତି ବିଚାରଣା କରି ବୁଧବାର ଅଭିଯୁକ୍ତ କ୍ରିଷ୍ଣା ମାଣ୍ଡାଙ୍ଗୀ (୨୪)ଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ଏବଂ ସରକାରଙ୍କ ପକ୍ଷରୁ ଓକିଲ ବିରଜା ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ଶିକ୍ଷକ ହତ୍ୟା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନବରଙ୍ଗପୁର, ୨୩।୩(ବି.ପ୍ର.)**

ନବରଙ୍ଗପୁର ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ୨୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଦୁଇଜଣ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟେରେ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଶୁଣାଣି କରାଯାଇଛି। ଅଭିଯୁକ୍ତମାନେ ହେଲେ ଖଣ୍ଡୁଗୁଡା ଗାଁର କନଷ୍ଟେବଳ ପ୍ରଶାନ୍ତ କୁମାର ସାହୁ ଓ କୋଷାଗୁମୁଡା ବ୍ଲକ ରାଜୋଡା ଗାଁର ପଦ୍ମନାଭ ମିଶ୍ର।ସୂଚନାନୁଯାୟୀ, ନବରଙ୍ଗପୁର ବ୍ଲକ ପତ୍ରମୁଣ୍ଡା ଗାଁର ଶିକ୍ଷକ ଗଣେଶ କୁମାର ମାଝି ଓ ଅଭିଯୁକ୍ତ ପ୍ରଶାନ୍ତଙ୍କ ସ୍ତ୍ରୀ ଗୋଟିଏ ସ୍କୁଲରେ ଶିକ୍ଷକତା କରୁଥିଲେ। ସେମାନଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ନେଇ ପ୍ରଶାନ୍ତ ସନ୍ଦେହ କରୁଥିଲେ। ଏହା ମଧ୍ୟରେ ୨୦୧୮ ଅଗଷ୍ଟ ୧୦ରେ ଗଣେଶ ନିଖୋଜ ଥିଲେ। ୧୫ ତାରିଖରେ ଗଣେଶଙ୍କ ମୃତଦେହ କୁସୁମଝର କେନାଲ ଭିତରୁ ମିଳିଥିଲା। ପ୍ରଶାନ୍ତ ପଦ୍ମନାଭଙ୍କ ସହଯୋଗରେ ତାଙ୍କୁ ହତ୍ୟା କରିଥିଲେ। ଗଣେଶଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭ୍ରାଇଁ ଜୟେଶ୍ୱର ମାଝି ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ କେସ୍ ନମ୍ବର ୧୬୭/୧୮ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ ପରେ କୋର୍ଟ କେସ୍ ନମ୍ବର ୯/୧୯ରେ ମାମଲାଟି ବିଚାରାଧୀନ ଥିଲା। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିଦାନନ୍ଦ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ଆଜି ୨ ପୌର ପରିଷଦ, ଗୋଟିଏ ଏନ୍‌ଏସିରେ ଭୋଟ

**ରାୟଗଡ଼ା ଅଫିସ/ଗୁଣପୁର/ଗୁଡ଼ାରୀ, ୨୩।୩(ଡି.ଏନ୍.ଏ.)**

### ପୌର ପରିଷଦ ନିର୍ବାଚନ



ରାୟଗଡ଼ା ଏବଂ ଗୁଣପୁର ପୌର ପରିଷଦ ସମେତ ଗୁଡ଼ାରୀ ଏନ୍‌ଏସି ନିର୍ବାଚନରେ ଗୁରୁବାର ଭୋଟ ଗ୍ରହଣ ହେବ। ଏଥିରେ ରାୟଗଡ଼ା ପୌରାଧକ୍ଷ ଆସନ ପାଇଁ ୧୨ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ସେହିପରି ୨୪ଟିୱାର୍ଡରେ ୯୨ କାଉନ୍‌ସିଲର ପ୍ରାର୍ଥୀ ରହିଛନ୍ତି। ରାୟଗଡ଼ା ପୌରାଞ୍ଚଳର ସମସ୍ତ ୫୯ ବୁଥ୍‌ରେ ପୋଲିଂ ଟିମ୍ ପହଞ୍ଚି ମତଦାନ ସକାଶେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ବୁଥ୍‌ରେ ୫ ପୋଲିଂ କର୍ମୀ ଓ ଜଣେ ସୁରକ୍ଷା କର୍ମୀ ମୁତୟନ ରହିବେ। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ଯାଏଁ ଚାଲିବ । ଏକାଧିକ ୱାର୍ଡକୁ ନେଇ ଗଠିତ କ୍ଲଷ୍ଟର ଭୋଟ ଗ୍ରହଣ କେନ୍ଦ୍ରରେ ଅଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ସକାଶେ ଅଧିକ ସୁରକ୍ଷା କର୍ମୀ ନିୟୋଜିତ ହେବେ। ସେହିପରି ପ୍ରକ୍ସି ଭୋଟଦାନ ତଥା ବୁଥ୍ ଟାମ୍ପରିଂ ଆଦିକୁ ଏଡ଼ାଇବା ନିମନ୍ତେ ୨୩ ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପୌର ପରିଷଦ ଅଧୀନରେ ମୋଟ ୫୬, ୫୯୭ ମତଦାତା ରହିଛନ୍ତି। ଗୁଣପୁର ପୌର ପରିଷଦ ନିମନ୍ତେ ଅଧକ୍ଷା ସମେତ ୧୯ ୱାର୍ଡର କାଉନସିଲର ପଦ ପାଇଁ ମତଦାନ ହେବ। ୬ ଅଧକ୍ଷା ଏବଂ ୫୯ କାଉନସିଲର ପ୍ରାର୍ଥୀ ରହିଥିବାବେଳେ ଗୁଣପୁର ପୌରାଞ୍ଚଳର ୨୨,୬୦୮ ଭୋଟର ଭାଗ୍ୟ ନିର୍ଦ୍ଧାରଣ କରିବେ। ମହିଳା ଭୋଟରଙ୍କ ସଂଖ୍ୟା ୧୧,୫୩୩, ପୁରୁଷ ଭୋଟରଙ୍କ ସଂଖ୍ୟା ୧୧,୦୬୩ ଏବଂ କିନ୍ନରଙ୍କ ସଂଖ୍ୟା ୧୨ ରହିଛି। ୨୮ ବୁଥ୍‌ରେ ମତଦାନ ବ୍ୟବସ୍ଥା କରାଯାଇଛି। ଗୁଡାରି ନ୍‌ଏସିର ୫୨୯୯ ମତଦାତା ନିଜର ମତ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୨୭୫୭ ମହିଳା, ୨୫୪୦ ପୁରୁଷ ଏବଂ ୨ କିନ୍ନର ଭୋଟର ଅଛନ୍ତି। ୧୧ ବୁଥ୍ ମଧ୍ୟରୁ ୭ ଓ ୧୧ ନମ୍ବର ବୁଥ୍‌କୁ ଉତ୍ତେଜନା ପ୍ରବଣ ଚିହ୍ନଟ କରାଯାଇଛି। ସ୍ଥାନୀୟ ସରକାରୀ ହାଇସ୍କୁଲରେ ୨ ବୁଥ୍ କରାଯାଇଛି। ୟୁଜିଏଚ୍‌ଏସ୍ ସ୍କୁଲରେ ହୋଇଥିବା ଦୁଇଟି ବୁଥ୍ ମଧ୍ୟରୁ ଗୋଟିଏ ଆଦର୍ଶ ବୁଥ ଓ ଅନ୍ୟ ଗୋଟିଏ ପିଙ୍କ ବୁଥ୍ ରହିଛି। ଶାନ୍ତିଶୃଙ୍ଖଳାରେ ଭୋଟ ଗ୍ରହଣ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଡଙ୍ଗରିଆ ମହିଳାଙ୍କୁ ମାଛଦାନା ପ୍ରସ୍ତୁତ ଯନ୍ତ୍ର, ଯାଆଁଳ ପ୍ରଦାନ

**ବିଷମକଟକ, ୨୩।୩(ଡି.ଏନ୍.ଏ.)**

### କେନ୍ଦ୍ରୀୟ ମଧୁର ଜଳ ଗବେଷଣା କେନ୍ଦ୍ରର କର୍ମଶାଳା


ଅଧିକାରୀମାନେ ଏସ୍‌ଏଚ୍‌ଜି ମହିଳାଙ୍କୁ ଯନ୍ତ୍ର ଓ ଆବଶ୍ୟକ ସାମଗ୍ରୀ ପ୍ରଦାନ କରୁଛନ୍ତି।

କେନ୍ଦ୍ରୀୟ ମଧୁର ଜଳ ଗବେଷଣା କେନ୍ଦ୍ର ପକ୍ଷରୁ ଡଙ୍ଗରିଆ ଏସ୍‌ଏଚ୍‌ଜିଙ୍କୁ ମାଛଦାନା ପ୍ରସ୍ତୁତ ଯନ୍ତ୍ର ଏବଂ ମାଛ ଯାଆଁଳ ଗୁରୁବାର ପ୍ରଦାନ କରାଯାଇଛି। ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ କର୍ମଶାଳାରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) ଅଧୀନ ଗ୍ରାମଗୁଡ଼ିକରେ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ଏହି ଯନ୍ତ୍ର ପ୍ରଦାନ କରାଯାଇଛି।

କର୍ମଶାଳାରେ ବିଷମକଟକ ବ୍ଲକ ଅଧୀନ କୁର୍ଲୀ, ଚାଙ୍ଗଡ଼ାଗୁଡା, ଡାଲିଆକୁଜି, ମୁନିଗୁଡ଼ା ବ୍ଲକର ମୁନିଖୋଲ ଏବଂ ଶିବପଦର ଗ୍ରାମର ୩୨ ଏସ୍‌ଏଚ୍‌ଜି ସଦସ୍ୟା ଯୋଗ ଦେଇଥିଲେ। ଗବେଷଣା କେନ୍ଦ୍ରର ସୁଧାଂଶୁ ଶେଖର ମିଶ୍ର, କୃଷ୍ଣ ଚନ୍ଦ୍ର ଦାଶ ଏବଂ ଗବେଷକ ସତ୍ୟ ନାରାୟଣ ସାହୁ ଉପସ୍ଥିତ ରହି ମଧୁର ଜଳରେ କିପରି ମାଛ ଚାଷ କରିବେ, ସ୍ୱଳ୍ପ ସମୟରେ ମାଛ ଉତ୍ପାଦନ, ମାଛଦାନା କିପରି ପ୍ରସ୍ତୁତ କରିବେ ସେ ନେଇ ପ୍ରଶିକ୍ଷଣ ଦେବା ସହ କୁକୁଡ଼ା ପଳନ ଦିଗରେ ମଧ ଗୁରୁତ୍ୱାରୋପ କରିଥିଲେ। ଯେଉଁ ଏସ୍‌ଏଚ୍‌ଜି ଅଧୀନରେ ପୋଖରି ରହିଛି ସେମାନଙ୍କୁ ମଧୁର ଜଳ ମାଛ ଚାଷ କରିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସମସ୍ତ ଏସ୍‌ଏଚ୍‌ଜିଙ୍କୁ ମାଛ ଯାଆଁଳ ରଖିବା ନିମନ୍ତେ ପାତ୍ର ଏବଂ ଖମ୍ବେସି ଗ୍ରାମର କାଳିଯାଇ ଏସ୍‌ଏଚ୍‌ଜିଙ୍କୁ ମାଛ ଖାଉଥିବା ଦାନା ପ୍ରସ୍ତୁତି ନିମନ୍ତେ ଏକ କଳ(ଯନ୍ତ୍ର) ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଚୁଲା କାନ୍ତି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରଶନ୍ନ କୁମାର ନନ୍ଦ, ଓପିଲିପ୍‌ର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ି, କୃଷି ଅଧିକାରୀ ଦେବଜ୍ୟୋତି ଜେନା ଏବଂ ସାମାଜିକ ପ୍ରବର୍ତ୍ତିକା ସତ୍ୟା ଶୋଭନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ତପନ ନାୟକ ଏବଂ ଯୁଧିଷ୍ଠିର ନାୟକ ଏହାକୁ ପରିଚାଳନା କରିଥିଲେ।

